# NATIONAL NEWS BULLETIN (ODIA)
## 15 June 2026
## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଫ୍ରାନ୍ସର ଏଭିଆନ୍‌ଠାରେ ଆଜିଠାରୁ ଆରମ୍ଭ ହେବ ୩ ଦିନିଆ ୫୨ତମ ଜି-୭ ରାଜ୍ୟଗୋଷ୍ଠୀ ସମ୍ମିଳନୀ

–ଆସନ୍ତାକାଲି ଯୋଗଦେବେ ପ୍ରଧାନମନ୍ତ୍ରୀ

- ସ୍ଲୋଭାକ୍ ପ୍ରତିପକ୍ଷଙ୍କ ସହ ଆଜି କରିବେ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ଆଲୋଚନା
- ନିଟ୍ ୟୁଜି ପୁନଃ ପରୀକ୍ଷା ପାଇଁ ଜାରି ହେଲା ଆଡ୍‌ମିଟ୍ କାର୍ଡ ଜାରି
- ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ପ୍ରତିଯୋଗିତାରେ ପାକିସ୍ତାନକୁ ୬୪ ରନ୍‌ରେ ପରାସ୍ତ କଲା ଭାରତ

ଏବଂ

- ଫିଫା ବିଶ୍ୱକପ୍ ପ୍ରତିଯୋଗିତାରେ କୁରାସାଓକୁ ପରାସ୍ତ କଲା ଜର୍ମାନୀ

# ପିଏମ୍-ଜି-୭

୪୨ତମ ଜି-୭ ରାଜ୍ୟଗୋଷ୍ଠୀ ସମ୍ମିଳନୀ ଆଜି ଫ୍ରାନ୍ସର ଏଭିଆନ୍‌ଠାରେ ଆରମ୍ଭ ହେଉଛି । ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଜି-୭ ସଦସ୍ୟ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘ ଯୋଗଦେବେ । ଏଥିସହିତ ଫ୍ରାନ୍ସ ପକ୍ଷରୁ ଭାରତ, ବ୍ରାଜିଲ, ଇଜିପ୍ଟ, କେନିଆ, ଦକ୍ଷିଣ କୋରିଆ, କାତାର, ସାଉଦିଆରବ, ସିରିଆ, ୟୁକ୍ରେନ୍ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍‌ସକୁ ଭାଗିଦାରୀ ରାଷ୍ଟ୍ର ଭାବେ ନିମନ୍ତ୍ରଣ କରାଯାଇଛି । ଭାରତ ତ୍ରୟୋଦଶତମ ଭାବେ ଜି-୭ ରାଜ୍ୟଗୋଷ୍ଠୀ ସମ୍ମିଳନୀର ଭାଗିଦାରୀ ରାଷ୍ଟ୍ରଭାବେ ଅଂଶ ଗ୍ରହଣ କରିବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅଧିବେଶନରେ ଅଂଶ ଗ୍ରହଣ କରିବେ । ପ୍ରଧାନମନ୍ତ୍ରୀ ରାଜ୍ୟଗୋଷ୍ଠୀ ସମ୍ମିଳନୀରେ ବିଶ୍ୱର ଭୂ-ରାଜନୈତିକ କ୍ଷେତ୍ରରେ ଭାରତର ଭୂମିକା ନେଇ ନିଜର ମତାମତ ପୋଷଣ କରିବେ । ଭାରତ ଏକ ପ୍ରାରମ୍ଭିକ ଅର୍ଥନୈତିକ ଶକ୍ତିକେନ୍ଦ୍ର ଭାବେ ଜି-୭ ରାଜ୍ୟଗୋଷ୍ଠୀରେ ଗୁରୁତ୍ୱ ରହିଛି । ଏଥିସହିତ ଏକ ବିକଶିତ ବିଶ୍ୱରେ କୂଟନୈତିକ ସେତୁ ସ୍ଥାପନ ଏବଂ ଭାରତ-ପ୍ରଶାନ୍ତମହାସାଗର ଅଞ୍ଚଳରେ ରଣନୈତିକ ମୁଖପାତ୍ର ରୂପେ କାର୍ଯ୍ୟ କରୁଛି ।  ସମଗ୍ର ବିଶ୍ୱରେ ଭୂ-ରାଜନୈତିକ ଉତ୍ତେଜନା, ଅର୍ଥନୈତିକ ଅସ୍ଥିରତା ଏବଂ ନୂତନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ   ଦ୍ରୁତ ପରିବର୍ତ୍ତନ ହେଉଥିବା ବେଳେ ଏହି ସମ୍ମିଳନୀର ଗୁରୁତ୍ୱ ରହିଛି ।

# ପିଏମ୍-ସ୍ଲୋଭାକିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସ୍ଲୋଭାକିଆର ରାଜଧାନୀ ବ୍ରାଟିସ୍ଲାଭାଠାରେ ସ୍ଲୋଭାକ୍‌ର ପ୍ରଧାନମନ୍ତ୍ରୀ ରୋବୋର୍ଟ ଫିକୋଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେ ମଧ୍ୟ ସ୍ଲୋଭାକ୍‌ର ରାଷ୍ଟ୍ରପତି ପିଟର ପେଲିଗ୍ରିମିଙ୍କୁ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି । ଫ୍ରାନ୍ସ ଗସ୍ତ ଶେଷକରି ପ୍ରଧାନମନ୍ତ୍ରୀ ସ୍ଲୋଭାକିଆକୁ ଦୁଇଦିନିଆ ଗସ୍ତରେ ଯାଇ ଗତକାଲି ରାତିରେ ବ୍ରାଟିସ୍ଲାଭାଠାରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କର ଏହି ଗସ୍ତ ଭାରତ-ସ୍ଲୋଭାକିଆ ମଧ୍ୟରେ ସଂପର୍କକୁ ଅଧିକ ଦୃଢ଼ୀଭୂତ କରିବା ନେଇ ସୁଯୋଗ ସୃଷ୍ଟି କରିବ । ଦୁଇଦେଶ ମଧ୍ୟରେ ସହଯୋଗକୁ ଅଧିକ ବ୍ୟାପକ କରିବ ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ସ୍ଲୋଭାକିଆର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ଫଳପ୍ରଦ ହେବା ନେଇ ସେ ଆଶା ବ୍ୟକ୍ତ କରିଛନ୍ତି । ୧୯୯୩ ମସିହାରେ ସ୍ଲୋଭାକିଆ ସ୍ୱାଧୀନତା ହାସଲ କରିବା ପରେ ଭାରତର ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି ସେଠାକୁ ପ୍ରଥମ ଗସ୍ତ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ଲୋଭାକିଆକୁ ୨୦୨୫ ମସିହା ଏପ୍ରିଲ୍ ମାସରେ ଗସ୍ତ କରିଥିଲେ ।

ସ୍ଲୋଭାକ୍‌ର ରାଷ୍ଟ୍ରପତି ପିଟର ପେଲିଗ୍ରିମି ଗତ ଫେବୃୟାରୀ ମାସରେ ଏଆଇ ପ୍ରଭାବ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଆସିଥିଲେ । ଭାରତ ଏବଂ ସ୍ଲୋଭାକିଆ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଅଟୋମୋବାଇଲ୍ ଏବଂ ରେଳ ନିର୍ମାଣ ସମ୍ବନ୍ଧୀୟ ଆଦି ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ସଂପର୍କ ନେଇ ଉଭୟପକ୍ଷଙ୍କ ମଧ୍ୟରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଜେୱାର ଏୟାରପୋର୍ଟ

ଉତ୍ତରପ୍ରଦେଶର ଗୌତମବୁଦ୍ଧନଗରର ଜେୱାରସ୍ଥିତ ନଏଡା ଆନ୍ତର୍ଜାତିକ ବିମାନ ବନ୍ଦରର ଆଜି ପ୍ରଥମ ବାଣିଜ୍ୟିକ ବିମାନ ସେବା ଆରମ୍ଭ ହେବାକୁ ଯାଉଛି । ଇଣ୍ଡିଗୋ ଏୟାରଲାଇନ୍ସର ଏହି ପ୍ରଥମ ବିମାନ ଲକ୍ଷ୍ନୌରୁ ସକାଳ ୭ଟା ୫ରେ ଛାଡ଼ି ନଏଡା ଆନ୍ତର୍ଜାତିକ ବିମାନ ବନ୍ଦରରେ ସକାଳ ୮ ଟା ୫ ମିନିଟ୍ ସମୟରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି । ଏହା ପରେ ପ୍ରଥମ ନିୟମିତ ବାଣିଜ୍ୟିକ ବିମାନ ସେବା ନଏଡାରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ଆରମ୍ଭ ହେବ । ସେହିପରି ଜେୱାର ବିମାନ ବନ୍ଦରରୁ ପ୍ରଥମ ବିମାନ ସକାଳ ୮ଟାରେ ଛାଡ଼ିବ । ଏହି ବିମାନ ଲକ୍ଷ୍ନୌ ଯିବ । ଜେୱାର ବିଧାୟକ ଧୀରେନ୍ଦ୍ର ସିଂଙ୍କ ସମେତ ୨୦ ଜଣ ମହିଳା ଏବଂ ୧୭୨ ଜଣ ଚାଷୀ ଏହି ପ୍ରଥମ ବିମାନରେ ଯାତ୍ରା କରିବେ । ଲକ୍ଷ୍ନୌରେ ଏହି କୃଷକମାନେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିବେ । ଜେୱାର ବିମାନ ବନ୍ଦର ପ୍ରାୟ ୩ ହଜାର ୩୦୦ ଏକର ପରିମିତ

ଅଞ୍ଚଳରେ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୧ ମସିହା ନଭେମ୍ବର ୨୫ ତାରିଖରେ ଏହି ବିମାନ ବନ୍ଦରର ଶିଳାନ୍ୟାସ କରିଥିଲେ ।

# ୧୨ ଇୟର୍ସ

ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସବ୍ କା ସାଥ୍ ସବ୍ କା ବିକାଶ ସବ୍ କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ମନ୍ତ୍ରକୁ ଆଧାର କରି ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଏହି ସମୟ ମଧ୍ୟରେ ସରକାର ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଜି ଆସନ୍ତୁ ଶୁଣିବା ୨୦୪୭ ବିକଶିତ ଭାରତ ଗଠନ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଅତ୍ୟାଧୁନିକ ଭିତ୍ତିଭୂମି ବ୍ୟବସ୍ଥା ସଂପର୍କରେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଅମଳରେ ଭିତ୍ତିଭୂମି କ୍ଷେତ୍ରରେ ୬ ଗୁଣ ବ୍ୟୟ ବୃଦ୍ଧି କରାଯାଇଛି । ୨୦୧୪-୧୫ ମସିହାରେ ଭିତ୍ତିଭୂମି କ୍ଷେତ୍ର ପାଇଁ ୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ସଂପ୍ରତି ଏହାକୁ ୧୨ ଦଶମିକ ୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଗତ ୧୨ ବର୍ଷ ମଧ୍ୟରେ ଦେଶର ସହରାଞ୍ଚଳ ପରିବହନ ବ୍ୟବସ୍ଥାର ପରିବର୍ତ୍ତନ କରାଯାଇଛି । ଭାରତର ମେଟ୍ରୋ ରେଳ ବ୍ୟବସ୍ଥା ୫ ଗୁଣ ବୃଦ୍ଧି କରାଯାଇଛି । ୨୪୮ କିଲୋମିଟରରୁ ଏହା ଆଜି

୧୧ଶହ କିଲୋମିଟରରେ ପହଞ୍ଚିପାରିଛି । ଭାରତ ଆଜି ବିଶ୍ୱର ଦ୍ୱିତୀୟ ବୃହତ୍ତମ ସଡ଼କ ନେଟୱ୍ୱର୍କ ବ୍ୟବସ୍ଥାରେ ପହଞ୍ଚିପାରିଛି ।

# ନିଟ୍-ୟୁଜି

ଜାତୀୟ ପରୀକ୍ଷଣ ସଂସ୍ଥାନ-ଏନ୍‌ଟିଏ ପକ୍ଷରୁ ନିଟ୍ ୟୁଜି ପୁନଃ ପରୀକ୍ଷା ପାଇଁ ଆଡମିଟ୍‌କାର୍ଡ ଜାରି କରାଯାଇଛି । ପରୀକ୍ଷାର୍ଥୀମାନେ ଏନ୍‌ଟିଏର ୱେବ୍‌ସାଇଟ୍‌ରୁ ଆଡ୍‌ମିଟ୍‌କାର୍ଡ ଡାଉନ୍‌ଲୋଡ୍ କରିପାରିବେ । ପରୀକ୍ଷା ଆସନ୍ତା ୨୧ ତାରିଖ ଅପରାହ୍ନ ୨ଟାରୁ ୫ଟା ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀମାନେ ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ବ୍ୟାଙ୍କ ଆକାଉଣ୍ଟ୍ ଯାଞ୍ଚ କରିବା ପାଇଁ ଏନ୍‌ଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ୟୁଏସ୍-ପ୍ଲେନ୍ କ୍ରାସ୍

ଆମେରିକାରେ ଏକ ବିମାନ ମିସୋରୀଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ଏଥିରେ ଯାତ୍ରା କରୁଥିବା ସମସ୍ତ ୧୨ ଜଣ ପ୍ରାଣ ହରାଇଥିବା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ମିସୋରୀ ହାଇୱେ ପାଟ୍ରୋଲ୍ ଜଷ୍ଟିନ୍ ୟୁଓ୍ୱି କହିଛନ୍ତି ଏହି ଜାହାଜଟି ସ୍କାଇଡାଇଭ୍ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ସେଥିରେ ନିଆଁ ଲାଗିଯାଇଥିଲା । ଜାତୀୟ ପରିବହନ ସୁରକ୍ଷା ବୋର୍ଡ ପକ୍ଷରୁ ଏହି ଦୁର୍ଘଟଣାର ତଦନ୍ତ କରାଯିବ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଯୋଗର ଉପକାରିତା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଯୋଗ ବିଶେଷଜ୍ଞ ଅନିତା କୌଶିକ ଏବଂ କମଲ୍ କିଶୋର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ଓ୍ୱିମେନ୍ସ ଟି-୨୦

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଏ ପ୍ରତିଯୋଗିତାରେ ଭାରତ' ପାକିସ୍ତାନକୁ ୬୪ ରନ୍‌ରେ ପରାସ୍ତ କରିଛି । ବର୍ମିଙ୍ଗ୍‌ହାମ୍‌ର ଏଜବାଷ୍ଟନ୍ କ୍ରିକେଟ୍ ଖେଳପଡ଼ିଆରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ

ଭାରତ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ପାଇଁ ୧୭୧ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହାର ଜବାବରେ ପାକିସ୍ତାନ ୧୭ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ କରିଥିଲା । ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ସ୍ମୃତି ମାନ୍ଧାନା ୪୪ ବଲ୍‌ରେ ୬୮ ରନ୍ ସଂଗ୍ରହ କରିଥିଲେ । ଦୀପ୍ତି ଶର୍ମାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ନେଦରଲ୍ୟାଣ୍ଡ ବିପକ୍ଷରେ ୬ ୱିକେଟ୍‌ରେ ବିଜୟ ହାସଲ କରିଛି । ନେଦରଲ୍ୟାଣ୍ଡ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୩୮ ରନ୍ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ବାଂଲାଦେଶ ୧୯ ଓଭର୍ ଗୋଟିଏ ବଲ୍‌ରେ ୪ ଟି ୱିକେଟ୍ ବିନିମୟରେ ୧୪୧ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା।

ଆସନ୍ତାକାଲି ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୨ଟି ଗ୍ରୁପ୍-ବି ମ୍ୟାଚ୍ ହେବ । ପ୍ରଥମ ମ୍ୟାଚ୍‌ଟି ରାତି ୭ଟାରେ ନିଉଜିଲ୍ୟାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ । ଅନ୍ୟ ମ୍ୟାଚ୍‌ଟି ରାତି ୧୧ଟାରେ ଇଂଲଣ୍ଡ ଏବଂ ଆୟାରଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ । ଉଭୟ ମ୍ୟାଚ୍ ସାଉଥମ୍ପଟନ୍‌ର ହମ୍ପ୍‌ସାୟାର ବାଓଲ୍‌ଠାରେ ଖେଳାଯିବ ।

# ଫିଫା

ଫିଫା ବିଶ୍ୱକପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ଖେଳରେ ଜର୍ମାନୀ କୁରାସାଓକୁ ୭-୧ରେ ପରାସ୍ତ କରିଛି । ଜର୍ମାନୀର ମିଡ୍ ଫିଲ୍‌ଡର ଫେଲିସ୍ ମେଜର ପ୍ରଥମ ୬ ମିନିଟ୍‌ରେ ଗୋଲ୍ ଦେଇଥିଲେ । କୁରାସାଓ ୨୧ ମିନିଟ୍‌ରେ ତା'ର ପ୍ରଥମ ଗୋଲ୍ ଦେଇଥିଲା । ଅନ୍ୟ ଏକ ଗ୍ରୁପ୍-ଏଫ୍ ମ୍ୟାଚ୍‌ରେ ନେଦରଲ୍ୟାଣ୍ଡ୍‌ସ ଏବଂ ଜାପାନ ମଧ୍ୟରେ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ହୋଇଛି ।

ଆଜି ଗ୍ରୁପ୍-ଏଫ୍ ମ୍ୟାଚ୍ ତୁନିସିଆ ଏବଂ ସ୍ୱିଡେନ୍ ମଧ୍ୟରେ ହେବ । ଏହା ମେକ୍‌ସିକୋର ମଣ୍ଟେରେରି ଷ୍ଟାଡିୟମ୍‌ଠାରେ ଭାରତୀୟ ସମୟ ସକାଳ ୭ଟା ୩୦ ମିନିଟ୍ ସମୟରେ ହେବ । ସେହିପରି ଗ୍ରୁପ୍-ଏଚ୍ ମ୍ୟାଚ୍ ସ୍ପେନ୍ ଏବଂ କାବୋଭେର୍ଡେ ମଧ୍ୟରେ ହେବ । ଏହା ଆମେରିକାର ଆଟ୍‌ଲାଣ୍ଟା ଷ୍ଟାଡିୟମ୍‌ଠାରେ ରାତି ସାଢ଼େ ୯ଟା ସମୟରେ ଆରମ୍ଭ ହେବ ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗ, ସିକିମ୍, ଅରୁଣାଚଳପ୍ରଦେଶ, ଆସାମ ଏବଂ ମେଘାଳୟରେ ଆସନ୍ତା ୬ରୁ ୭ ଦିନ ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି । ସେହିପରି ଉତ୍ତର-ପୂର୍ବ ଭାରତ ଏବଂ ପଶ୍ଚିମବଙ୍ଗରେ ଆଜି

ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ପାଇଁ ପାଗ ଅନୁକୂଳ ଥିବାରୁ ମହାରାଷ୍ଟ୍ରର କେତେକ ଅଞ୍ଚଳ, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଏବଂ ଦକ୍ଷିଣ ଛତିଶଗଡ଼ ଅଞ୍ଚଳରେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଆଜି ରାଜସ୍ଥାନ, ପୂର୍ବ ଉତ୍ତରପ୍ରଦେଶ, ଓଡ଼ିଶା ଏବଂ ପଶ୍ଚିମ ମଧ୍ୟପ୍ରଦେଶର କେତେକ ଭାଗରେ କୁଆପଥର ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।